# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 December - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ସମ୍ପଦର ଅପବ୍ୟବହାର ଭଳି ଆହ୍ୱାନରୁ ଚାଷୀଙ୍କୁ ସୁରକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଲେ ରାଷ୍ଟ୍ରପତି

– ଓୟୁଏଟିର ୪୦ତମ ସମାବର୍ତ୍ତନ ଉତ୍ସବକୁ କଲେ ସମ୍ବୋଧନ

- ଆଦିବାସୀଙ୍କ ଜମି ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

- ନୟାଗଡ଼ ଜିଲ୍ଲା ଜେମାଦେଈପୁର ଗ୍ରାମରେ ଜଣ୍ଡିସ୍ ରୋଗର ପ୍ରାଦୁର୍ଭାବ ନେଇ କ୍ଷେତ୍ରୀୟ ସମୀକ୍ଷା କଲେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ

ଏବଂ

- ମୃତ୍ତିକା ସଂରକ୍ଷଣ ପ୍ରତି ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ମୃତ୍ତିକା ଦିବସ

## ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ

ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଓ ସମ୍ପଦର ଅପବ୍ୟବହାର ଭଳି ଆହ୍ୱାନରୁ ଚାଷୀଙ୍କୁ ସୁରକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ନୂତନ ଯୋଜନା ପ୍ରସ୍ତୁତ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି। କୃଷି ଓ କୃଷକଙ୍କୁ ସଶକ୍ତ କରିବା ପାଇଁ ଅତ୍ୟାଧୁନିକ ଡ୍ରୋନ୍ ଟେକ୍ନୋଲୋଜି, ରିମୋଟ୍ ସେନ୍‌ସିଂ, ଅର୍ଟିଫିସିଆଲ ଇଣ୍ଟେଲିଜେନ୍ସି ଏବଂ ନାନୋ ଟେକ୍ନୋଲୋଜିର ବ୍ୟବହାର କରାଯିବା ଆବଶ୍ୟକ ବୋଲି ରାଷ୍ଟ୍ରପତି କହିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଆଜି ଉଦ୍‌ବୋଧନ ଦେଇ  ମୃତ୍ତିକା ସ୍ୱାସ୍ଥ୍ୟ ଏହାର ସଂରକ୍ଷଣ ଏବଂ ପରିବେଶ ଓ ପ୍ରାକୃତିକ ସମ୍ପଦର ସଠିକ ଉପଯୋଗ ଉପରେ ଧ୍ୟାନ ଦେବାକୁ କୃଷି ବୈଜ୍ଞାନିକଙ୍କୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଗତ କିଛି ଦଶନ୍ଧି ମଧ୍ୟରେ କୃଷି କ୍ଷେତ୍ରରେ ଭାରତ ଯଥେଷ୍ଟ ଅଭିବୃଦ୍ଧି ହାସଲ କରିଛି। ଏହା ଅନ୍ୟ ଦେଶକୁ ଖାଦ୍ୟଶସ୍ୟ ଏବଂ କୃଷି ଉପକରଣ ରପ୍ତାନି କରୁଛି। ଭାରତ ପାଖରେ କୃଷି ଅନୁକୂଳ ବାତାବରଣ, ଦକ୍ଷ ମାନବ ସମ୍ବଳ, ଉର୍ବର ଜମି ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ଥିବାରୁ କୃଷି ଉତ୍ପାଦନକୁ ଆହୁରି ବୃଦ୍ଧି କରାଯାଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି। କୃଷି ଓ କୃଷକଙ୍କ ଉନ୍ନତି

ଦ୍ୱାରା ହିଁ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

**- V/O -**

ବିଶ୍ୱବିଦ୍ୟାଳୟର କୁଳାଧିପତି ରାଜ୍ୟପାଳ ରଘୁବର ଦାସ ଏହି ଉତ୍ସବରେ ଅଧ୍ୟକ୍ଷତା କରି କହିଛନ୍ତି, ଏକ ଉନ୍ନତ ରାଷ୍ଟ୍ରଗଠନରେ କୃଷିର ଭୂମିକା ମହତ୍ତ୍ୱପୂର୍ଣ୍ଣ। ଜୈବିକ କୃଷି ଉପରେ ରାଜ୍ୟପାଳ ପ୍ରାଧାନ୍ୟ ଦେବା ସହ କୃଷି କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବାକୁ କୃଷି ବୈଜ୍ଞାନିକଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗତ ୨୦୨୨ ଓ ୨୦୨୩ ଶିକ୍ଷାବର୍ଷରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପଦକ, ପୁରସ୍କାର ଏବଂ ଡିଗ୍ରୀ ପ୍ରଦାନ କରାଯାଇଛି।

ମଙ୍ଗଳବାରଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଆଜି ଅପରାହ୍ନରେ ଭୁବନେଶ୍ୱରରେ ନବନିର୍ମିତ ନ୍ୟାୟିକ କୋଠାର ଉଦଘାଟନ କରିବାର କାର୍ଯ୍ୟସୂଚୀ ରହିଛି।

********************************

***HS***

## ରାଜସ୍ୱ ମନ୍ତ୍ରୀ- ବିଧାନସଭା

ଆଦିବାସୀଙ୍କ ଜମି ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାନସଭାରେ ଆଜି ଏ ସଂକ୍ରାନ୍ତ କେତେକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଆଦିବାସୀଙ୍କ ଜମି କିଣାବିକା ନେଇ ରହିଥିବା ଆଇନ ଉଲ୍ଲଂଘନ କ୍ଷେତ୍ରରେ ଜମିକ୍ରୟକୁ ବେଆଇନ ଘୋଷଣା କରାଯିବ। ଭୂସଂସ୍କାର ଆଇନ-୧୯୬୦ ଅନୁଯାୟୀ, ଏହି ଜମିକୁ ଆଦିବାସୀ ଲୋକଙ୍କୁ ଫେରସ୍ତ ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଗୃହରେ ସୂଚନା ଦେଇଛନ୍ତି। ସେହିଭଳି ଆଦିବାସୀଙ୍କ ଜମି ଜବରଦଖଲ ଅଭିଯୋଗ ନେଇ କେତେଗୁଡ଼ିକ ମାମଲା ବିଚାରାଧୀନ ରହିଛି ବୋଲି ସେ କହିଛନ୍ତି। ଅନ୍ୟ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନକୁ ଆସନ୍ତା ୩୦ ତାରିଖ ସୁଦ୍ଧା ନିଜସ୍ୱ ଜମିପଟ୍ଟା ବଣ୍ଟନ କାର୍ଯ୍ୟ ସମ୍ପନ୍ନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଉଥିବା ଜମି ବଦଳରେ ଜମି ଦେବା ପାଇଁ ବ୍ୟବସ୍ଥା କରିବାକୁ ସରକାର ବିଚାର କରୁଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଏ ନେଇ ରହିଥିବା ୨୦୦୬ ନିୟମର ସଂଶୋଧନ କରିବାକୁ ମଧ୍ୟ ରାଜ୍ୟ ସରକାର ଯୋଜନା କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଗୃହରେ ସୂଚନା ଦେଇଛନ୍ତି।

*HS*

## ରାଜସ୍ୱ ମନ୍ତ୍ରୀ ବିଧାନସଭା-୨

ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ସହିତ ଓଡ଼ିଶାର ୧୪ଟି ଜିଲ୍ଲାର ଆନ୍ତଃରାଜ୍ୟ ସୀମା ବିବାଦ ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାନସଭାରେ ଆଜି ଲିଖିତ ଉତ୍ତର ପ୍ରଦାନ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ସୀମା ବିବାଦ ରହିଥିବା ଜିଲ୍ଲାଗୁଡ଼ିକ ହେଉଛି ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ। କୋରାପୁଟ ଜିଲ୍ଲା କୋଟିଆ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ୧୦୮ କୋଟି ୫୩ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହା ଦ୍ୱାରା ସେହି ଅଞ୍ଚଳରେ ପ୍ରତି ଗ୍ରାମକୁ ରାସ୍ତା, ବିଦ୍ୟାଳୟ ଗୃହ, ଆବାସିକ ଶ୍ରେଣୀଗୃହ, ଅଙ୍ଗନବାଡ଼ି କେନ୍ଦ୍ର, ମିଶନ ଶକ୍ତି ଗୃହ, ଦଶଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା ନିର୍ମାଣ ସହିତ ବିଦ୍ୟୁତ ସଂଯୋଗ ଓ ମୋବାଇଲ ଟାୱାର ସ୍ଥାପନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଗୃହରେ ସୂଚନା ଦେଇଛନ୍ତି।

*Nayagarh*

## ଜଣ୍ଡିସ୍ ରୋଗ

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ଚାନ୍ଦପୁର ପଞ୍ଚାୟତର ଜେମାଦେଇପୁର ଗ୍ରାମରେ ଜଣ୍ଡିସ୍ ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିଛି।

୩୫ ଜଣରୁ ଅଧିକ ଆକ୍ରାନ୍ତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଆମ ଜିଲ୍ଲା ପ୍ରତିନିଧି କହିଛନ୍ତି, ପ୍ରଭାବିତ ଅଞ୍ଚଳରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପୁଷ୍ପା ନିଳିମା ଲାକ୍ରାଙ୍କ ନେତୃତ୍ୱରେ ଏକ ଦଳ ପହଁଞ୍ଚି ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ପାନୀୟ ଜଳ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ରୋଗର କାରଣ ଏବଂ ନିରାକରଣ ନେଇ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସେଚତନତା ବୃଦ୍ଧି କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

***HS***

## ବଜ୍ରପାତ ଜନିତ ମୃତ୍ୟୁ

ରାଜ୍ୟରେ ଗତ ୩ ବର୍ଷରେ ବଜ୍ରପାତ ଯୋଗୁଁ ୧ ହଜାର ୫୭ ଜଣଙ୍କର ପ୍ରାଣହାନୀ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଏ ସମ୍ପର୍କରେ ବିଧାନସଭାରେ ଲିଖିତ ଉତ୍ତରରେ କହିଛନ୍ତି, ଗତ ୭ ମାସ ମଧ୍ୟରେ ୨୦୧ ଜଣଙ୍କର ମୃତ୍ୟୁ ହୋଇଛି। ଗତ ବର୍ଷ ୨୭୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୨୨-୨୩ରେ ବଜ୍ରପାତ ଯୋଗୁଁ ୩୦୬ ଜଣଙ୍କର ଜୀବନହାନୀ ଘଟିଥିଲା। ସେ କହିଛନ୍ତି, ବଜ୍ରପାତ ଯୋଗୁଁ ମୟୂରଭଞ୍ଜ, ବାଲେଶ୍ୱର ଏବଂ ଗଞ୍ଜାମ ଜିଲ୍ଲାରେ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି।

*HS*

## ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ

ରାଜ୍ୟରେ ଗତ ୩ ବର୍ଷରେ ସଡ଼କ ଦୁର୍ଘଟଣାରେ ୧୬ ହଜାର ୨୮୭ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ଗୃହରେ ତଥ୍ୟ ରଖିଛନ୍ତି। ଏହି ସମୟସୀମା ମଧ୍ୟରେ ୩୦ ହଜାର ୪୫୩ ଜଣ ଲୋକ ଆହତ ହୋଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଜେନା ଉଲ୍ଲେଖ କରିଛନ୍ତି।

*Desk/BHK*

## ମୃତ୍ତିକା ଦିବସ

ମୃତ୍ତିକା ସଂରକ୍ଷଣ ପ୍ରତି ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି। ୨୦୧୩ ମସିହାରେ ଜାତିସଂଘ ସାଧାରଣ ପରିଷଦ' ସଂଯୁକ୍ତ ରାଷ୍ଟ୍ରର ଖାଦ୍ୟ ଓ କୃଷି ସଂଗଠନର ପ୍ରସ୍ତାବକୁ ଗ୍ରହଣ କରି ପ୍ରତିବର୍ଷ ଡିସେମ୍ବର ୫ ତାରିଖରେ ବିଶ୍ୱ ମୃତ୍ତିକା ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୪ ମସିହାରୁ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳିତ ହୋଇଆସୁଛି। ମୃତ୍ତିକା କ୍ଷୟକୁ ରୋକିବା ଏବଂ କୃଷି କାର୍ଯ୍ୟରେ ଅତ୍ୟଧିକ ରାସାୟିକ ସାର ଓ କୀଟନାଶକ ବ୍ୟବହାର ନେଇ ସୃଷ୍ଟ ଆହ୍ୱାନର ମୁକାବିଲା ଲକ୍ଷ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଆଜି ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସ ପାଳନ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଜ୍ୟପାଳ ମାଟିର ଗୁଣବତ୍ତା ବୃଦ୍ଧି ତଥା ଜୈବିକ କୃଷିକୁ ଆପଣାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ବାର୍ତ୍ତାରେ ଏକ ସବୁଜ ଏବଂ ସୁସ୍ଥ ପୃଥିବୀ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ଭଦ୍ରକ ସଂସ୍କୃତି ଭବନଠାରେ ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜୈବିକ ଚାଷ ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲା କୃଷି ବିଭାଗ ଏବଂ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଚାଷୀଙ୍କୁ ମୃତ୍ତିକା କାର୍ଡ ବଣ୍ଟନ କରାଯାଇଛି। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ମଧ୍ୟ କରାଯାଇଛି।

***Nayagarh***

## ଧାନସଂଗ୍ରହ ବୈଠକ

ନୟାଗଡ଼ ଷ୍ଟାଡିୟମ୍‌ଠାରେ ଆସନ୍ତା ରବିବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବାକୁ ଥିବା ରାଜ୍ୟସ୍ତରୀୟ ଧାନସଂଗ୍ରହ କାର୍ଯ୍ୟକ୍ରମର ପ୍ରସ୍ତୁତି ନେଇ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟକ୍ରମର

ରୂପରେଖ ଏବଂ କାର୍ଯ୍ୟକାରିତା ନେଇ ବିସ୍ତୃତ ଆଲୋଚନା ହୋଇଛି। ଏଲ୍.ଇ.ଡି ମାଧ୍ୟମରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ନେଇ ବ୍ୟବସ୍ଥା ହୋଇଛି। ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଆଲୋଚନାରେ ଭାଗ ନେଇଥିଲେ।

***Ganjam***

## ଆଭାସୀ ବ୍ୟବସ୍ଥା ଶୁଭାରମ୍ଭ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ପୁଲିସ ମୁଖ୍ୟାଳୟଠାରେ ଏକ ଆଭାସୀ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଦକ୍ଷିଣାଞ୍ଚଳ ଡି.ଆଇ.ଜି. ଡକ୍ଟର ସାର୍ଥକ ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ରାଜ୍ୟର ବିଭିନ୍ନ କୋର୍ଟରେ ବିଚାରାଧୀନ ଥିବା ମାମଲାଗୁଡ଼ିକରେ ପୁଲିସ ଅଧିକାରୀଙ୍କ ପକ୍ଷରୁ ସାକ୍ଷ୍ୟ ପ୍ରଦାନ କରିବା ଅଧିକ ସହଜ ହୋଇପାରିବ। ଏହାଦ୍ୱାରା ସମୟ ଅପଚୟକୁ ରୋକା ଯାଇପାରିବ ବୋଲି ସେ କହିଛନ୍ତି।

***HS***

## ପାଣିପାଗ

ରାଜ୍ୟରେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହୋଇପାରେ। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତାକାଲି କେନ୍ଦୁଝର, ସୁନ୍ଦରଗଡ଼, କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାର କେତେକ ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହେବ।